ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର – ୭୫୧୦୦୩

Dr. T. R. Mohanty
Nodal Officer

ସପ୍ତାହ –୪୫

ନ.- ୧୧୦୧ (ଓଡିଆ ବୁଲେଟିନ)
ତାରିଖ- ୦୭ .୧୧ .୨୦୨୫
(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## କେନ୍ଦ୍ରାପଡ଼ା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୧.୧୧ .୨୦୨୫ ରୁ ୦୭ .୧୧ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| **31.3** | **21.4** | - |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୮ . ୧୧. ୨୦୨୫ ରୁ ୧୨.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 31 | 31 | 30 | 30 | 30 |
| ସର୍ବନିମ୍ନ ତାପମାତ୍ରା (°C) | 20 | 20 | 19 | 19 | 18 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 74 | 67 | 65 | 67 | 69 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 54 | 42 | 37 | 41 | 40 |
| ପବନର ବେଗ (କି.ମି./ଘ.) | 15 | 13 | 10 | 10 | 9 |
| ପବନର ଦିଗ | 349 | 3 | 90 | 342 | 326 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୯ ରୁ ୧୫ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦ ରୁ ୩୧ ଡିଗ୍ରୀ ସେଲସିଅସ ଓ ୧୮ ରୁ ୨୦ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ଧାନ କେଣ୍ଡା ରେ ଶତକଡା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ । ବେଙ୍ଗଳା ପରେ ଧାନ କୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଅଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଅଦ୍ରତା ରଖନ୍ତୁ ।
- ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟକ କିସମ ଅଲଗା ଭାବରେ ସଫା କରି ଧାନ କୁ ସୁପର ଗ୍ରେନ ବସ୍ତାରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି କିଛି କ୍ଷତି ନହୁଏ ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଓଡିଶା ର ଜଳବାୟୁ ପାଇଁ ଚିନାବାଦାମ ର ଉପଯୁକ୍ତ କିସମ - ଦେବୀ (ICGV91114), କାଦ୍ରି-୬, କାଦ୍ରି -୯, TG-37A, TAG-51,TAG-38, TAG-24, ସ୍ମୃତି, CO-7, ଧରଣୀ ଆଦି ଚୟନ କରନ୍ତୁ । ଏକର ପ୍ରତି ୪୦-୫୦ କିଲୋଗ୍ରାମ ଚୋପା ଛଡା ବିହନ ବୁଣିବା ପାଇଁ ଆବଶ୍ୟକ ହୋଇଥାଏ ।
- ଅଧିକ ଅମଳ ପାଇବା ପାଇଁ ଚାଷୀ ଭାଇମାନଙ୍କୁ ଆଳୁର କେତୋଟି ଅଧିକ ଅମଳକ୍ଷମ କିସମ ଯଥା କୁଫ୍ରି ଜ୍ୟୋତି, କୁଫ୍ରି ବାଦଶାହା, କୁଫ୍ରି ସୁରିୟା, ଚିପସୋନା ଆଦି ଲଗାଇବାକୁ ପରାମର୍ଶ ଦିଆ ଯାଉଅଛି ।
- ଆମ ଓଡିଶାର ଜଳବାୟୁ ହିସାବରେ ଶୀତଦିନରେ ଭଲ ଅମଳ ହେଉଥିବା ପିଆଜର କେତୋଟି କିସମ ଗୁଡିକ ହେଲା Agrifound Light Red, Agrifound Dark Red, Bhima Shakti, Bhima Super ଇତ୍ୟାଦି ।
- ଉଚ୍ଚ-ମଧ୍ୟମ ଜମିରେ ମାଟିର ବତର ଦେଖି ରବି ଫସଲ ଯଥା ମୁଗ, ବିରି , ଝୁଡୁଙ୍ଗ, ମଟର, ଚିନାବାଦାମ, ରାଶି, ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କ୍ଷୀର ଢୋକିବା ଅବସ୍ଥା/ ପରିପକ୍ୱୋ ଅବସ୍ଥା | ❖ ଧାନ କେଣ୍ଡା କଟା ପୋକ- ଧାନ ଫସଲରେ କେଣ୍ଡା କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ ମି.ଲି Profenophos ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।<br>❖ ଗନ୍ଧି ପୋକ ବା ଛଗୋଡିଆ ପୋକ - ଧାନ ଫସଲରେ ଗନ୍ଧି ପୋକ ବା ଛଗୋଡିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ କିମ୍ବା ୪୦୦-ମିଲି ମାଲାଥିୟନ (Malathion) ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳରେ ଏକର ପ୍ରତି ୧୦-କି.ଗ୍ରା. କ୍ଲୋରୋପାଇରିଫସ (Chlorpyriphos) କିମ୍ବା ମାଲାଥିୟନ (Malathion) ଗୁଣ୍ଡକୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ଫସଲ ଉପରେ ଡଷ୍ଟର ଦ୍ୱାରା ପ୍ରୟୋଗ କରନ୍ତୁ । |
| ମୁଗ ଓ ବିରି | ବୁଣିବା ପୂର୍ବ ଅବସ୍ଥା | ❖ ଅଧିକ ଅମଳକ୍ଷମ ବିରି କିସମ ଯଥାଟି ୯ -, ପିୟୁ ୧୧,ପିୟୁ ୧୯,ପିୟୁ ୩୦ ଏବଂ ମୁଗ କିସମ ଯଥାକେ ୮୫୧ -, ପିଡିଏମ ୧୧, ପିଡିଏମ ୫୪, ଓୟୁଏମ ୧୧୫ ଏକର ପ୍ରତି ୧୦ କେଜି ହିସାବ ରେ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲଚରରେ ବିଶୋଧନ କରନ୍ତୁ । |
| ଚିନାବାଦାମ | ବୁଣିବା ପୂର୍ବ ଅବସ୍ଥା | ❖ ଚିନାବାଦାମ ଚାଷ ପାଇଁ ଓଡିଶାର ଜଳବାୟୁ ପାଇଁ ଉପଯୁକ୍ତ କିସମକଳିଙ୍ଗ ଚିନାବାଦାମ ୧୦୧ -,ଦେବୀ, କାଦ୍ରି-୬, କାଦ୍ରି -୯, TG-37A, TAG-51,TAG-38, TAG-24, ସ୍ମୃତି, CO-7, ଧରଣୀ ଆଦି ଚୟନ କରନ୍ତୁ । ଏକର ପ୍ରତି ୪୦-୫୦ କିଲୋଗ୍ରାମ ଚୋପା ଛଡା ବିହନ ବୁଣିବା ପାଇଁ ଆବଶ୍ୟକ ହୋଇଥାଏ । |
| ସୋରିଷ | ବୁଣିବା ପୂର୍ବ ଅବସ୍ଥା | ❖ ଏକ ଏକର ଚାଷ ପାଇଁ ୨-କେଜି ସୋରିଷ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବା ପୂର୍ବ ରୁ ଏକ କିଲୋଗ୍ରାମ ବିହନରେ ୨ -ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ବିହନ ରେ ଗୋଳାଇ ବିଶୋଧନ କରନ୍ତୁ। ଜମିକୁ ୩ ରୁ ୪ ଓଡ ଚାଷ କରି ଏକର ପ୍ରତି ୨-ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୦୦ କିଲୋଗ୍ରାମ Gypsum ସାର ପ୍ରୟୋଗ କରନ୍ତୁ। |
| ବାଇଗଣ ଓ ଟମାଟୋ | ଚାରା ଅବସ୍ଥା - ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ବର୍ଷା ପରେ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ Plantomycin ଓ ୨୦ଗ୍ରାମ Metalaxyl + Mancozeb କିମ୍ବା ୧୦ମିଲି Tebuconazole କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । |
| ଲଙ୍କା | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୦.୪ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୨ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୦.୩୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। |

| | | |
|---|---|---|
| ଭେଣ୍ଡି | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଖୋଶୋକ କୀଟ - ପ୍ରାରମ୍ଭିକ ଅବସ୍ଥାରେ ଏହି କୀଟ ପରିଚାଳନା ପାଇଁ ୨୦୦ ଲି. ପାଣିରେ ୬୦୦ ମି.ଲି. ନିମ୍ବ ଜାତୀୟ କୀଟନାଶକ (୧୫୦୦ ପି.ପି.ଏମ. Azadiractin) ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମି.ଲି. Fenobucarb ନାମକ କୀଟନାଶକ ୨୦୦-ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| କୋବି ଜାତୀୟ ପନିପରିବା | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ସାର ପରିଚାଳନା<br>ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର 15-20 ଦିନ ମଧ୍ୟରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି 33 କିଲୋଗ୍ରାମ ୟୁରିଆ ସାର ସହ 23 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୋୟୋଗ କରନ୍ତୁ। ଫସଲ ଯଦି 30-35 ଦିନ ରେ ହୋଇଗଲେ ଆଉଥରେ ଏକର ପ୍ରତି 33 କିଲୋଗ୍ରାମ ୟୁରିୟା ସାର ସହ 23 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୋୟୋଗ କରନ୍ତୁ । ଚାରା ଲଗାଇବା ସମୟରେ ଯଦି boron ପ୍ରୋୟାଗ କରିନାହାନ୍ତି ତେବେ ଚାରା ରୋପଣ ର 2 ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ଏକର ପ୍ରତି 4 କିଲୋଗ୍ରାମ Borax କିମ୍ବା ପ୍ରତି ଲିଟର ପାଣିରେ 1-1.5 ଗ୍ରାମ Folibor ମିଶାଇ ପତ୍ରସିଞ୍ଚନ କରନ୍ତୁ । |
| ଗେଣ୍ଡୁ ଓ ଗୋଲାପ | ଅଙ୍ଗୀୟ ଅଭିବୃଦ୍ଧି ରୁ ଫୁଲ ଧରିବା ଅବସ୍ଥା | ❖ ନାଲି ବୁଢିଆଣୀ ଅଷ୍ଟପଦୀ ର ପରିଚାଳନାପାଇଁ ପ୍ରତି ଲିଟର ପାଣିରେ୨-ଗ୍ରାମ ସଲଫର (sulphur)ସେଚିତ ଗୁଣ୍ଡ କିମ୍ବା୨- ମିଲି ପ୍ରୋପାରଜାଇଟ (Propargite) ନାମକ କୀଟନାଶକ କିମ୍ବା ୨-ମିଲି ଫେନପାଇରୋଗଜିମେଟ (Fenpyroximate) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| ମତ୍ସ୍ୟ ସମ୍ପଦ | ❖ ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବ ରୁ ଏକ ଏକର ପୋଖରୀ ପ୍ରତି CIFAX @ ୪୦୦ ମିଲି କିମ୍ବା ପୋଟାସିୟମ ପରମାଙ୍ଗାନେଟ @ ୧ ରୁ ୨ କେଜି କିମ୍ବା ଚୂନ @ ୫୦ ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁ ରେ ମାଛ ମାନଙ୍କୁ ରୋଗ ନ ହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକିଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)